# Akashvani, Sambalpur

## SAMBALPURI NEWS EVENING BULLETIN

## 25 February 2026-7.02- 7.12 pm.

---

୧- ଆୟୁର୍ବେଦ୍, ଯୋଗ ଆଉ ଆୟୁଷ ପ୍ରଣାଳୀ ସାମଗ୍ରିକ୍ ସ୍ୱାସ୍ଥ୍ୟ ପରିଚାଳନା ଲାଗି ଗୁଟେ ବିଜ୍ଞାନ୍ ଆଏ - କହେଲେ ରାଷ୍ଟ୍ରପତି ।

୨- ଜରାୟୁ କର୍କଟ ରୋଗ ନିୟନ୍ତ୍ରଣ ଲାଗି ଆଏବା ୨୮ ତାରିଖ୍ ଦିନ ସାରା ଦେଶେ ମୁଳ୍ ହେବା କିଶୋରୀ ଟୀକାକରଣ ଅଭିଯାନ୍ ।

୩- ପୁରୀ ଶ୍ରୀମନ୍ଦିର୍ ରତ୍ନ ଅଲଙ୍କାର୍ ଗନ୍ତିମନ୍ତି ମାର୍ଚ୍ଚ ମାସର୍ ପହେଲା ହପ୍ତାଥି ହେବା- କହେଲେ ଆଇନ୍‌ମନ୍ତ୍ରୀ ।

ଆଉର୍

୪- ଟୋକନ୍ ସମିଆ ସରିଗଲେ ଚାଷୀମାନ୍‌କୁ ଅଏତ୍‌କା ୧୫ ଦିନ୍ ସମିଆ ମିଲ୍‌ବା- କହେଲେ ଯୋଗାଣମନ୍ତ୍ରୀ ।

ଜାତୀୟ ଆରୋଗ୍ୟ ମେଳା-ରାଷ୍ଟ୍ରପତି          ଏନ୍‌ଏସ୍‌ଡି

ଆୟୁର୍ବେଦ୍, ଯୋଗ ଆଉ ଭିନ୍ ଭିନ୍ ଆୟୁଷ ପ୍ରଣାଳୀ ଖାଲି ରୋଗର୍ ଚିକିତ୍ସାଥି ସିମିତ୍ ନୁହେଁସେ । ଇଟା ସାମଗ୍ରିକ୍ ସ୍ୱାସ୍ଥ୍ୟ ପରିଚାଲନା ଲାଗି ଗୁଟେ ବିଜ୍ଞାନ୍ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ମହାରାଷ୍ଟ୍ରର୍ ବୁଲ୍‌ଧାନା ଠାନେ ଜାତୀୟ ଆରୋଗ୍ୟ ମେଳା-୨୦୨୬କେ ଉଦ୍‌ଘାଟନ୍ କରିକରି ରାଷ୍ଟ୍ରପତି କହିଛନ୍, ଦେଶ୍‌ବାସୀଙ୍କୁ ସୁସ୍ଥ ରଖ୍‌ବାର୍‌ଥି ଆୟୁଷ୍ ଚିକିତ୍ସା ପଦ୍ଧତିର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ଯୋଗ, ଆୟୁର୍ବେଦ ଶହ ଶହ ବଛର୍ ହେଲା ଲୁକ୍‌କୁ ଚିକିତ୍ସା ସୁବିଧା ଯୁଗେଇ ଆସୁଛେ । ଦେଶ୍‌କେ ବର୍‌କସ୍ କର୍‌ବାର୍‌ଥି ସୁସ୍ଥ ନାଗରିକଙ୍କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ । ରୋଗ୍ ନିରାକରଣ୍ ଲୁକ୍‌କୁ ବ୍ୟକ୍ତିଗତ୍ ଲାଭ୍ ଦେବାର୍ ସହେତେ ଦେଶର୍ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପ୍‌ରେ ଥିବା ବୋଝ୍‌କେ ଭିଲ୍ କମ୍ କର୍‌ସି ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

୪ ଦିନ୍‌ତକ୍ ହେବାର୍‌କେ ଥିବାର୍ ଜାତୀୟ ଆରୋଗ୍ୟ ମେଳାଥି ଆୟୁଷ୍ ଚିକିତ୍ସା ପଦ୍ଧତିର୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା

କରାଯିବାର୍ ସହେତେ ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କରାଯିବା । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଆୟୁଷ୍ ମନ୍ତ୍ରୀ ପ୍ରତାପ୍ ରାଓ ଯାଧବ୍ ଉପସ୍ଥିତ୍ ଥିଲେ ।

ସର୍ଭାଇକାଲ୍ କେନ୍‌ସର୍ ନିରୋଧୀ ଟୀକା ଏକ୍ସ

ଦେଶେ ଆଏବା ୨୮ ତାରିଖ୍ ଦିନ କିଶୋରୀମାନ୍‌କୁ ଜରାୟୁ କର୍କଟ - ସର୍ଭାଇକାଲ୍ କେନ୍‌ସର୍ ନିରୋଧୀ ଟୀକା ଦିଆଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଟୀକାକରଣ୍ ଅଭିଯାନ୍‌ର ଶୁଭାରମ୍ଭ କର୍‌ବେ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡ. ମୁକେଶ୍ ମହାଲିଙ୍ଗ୍ କହିଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍, ୧୪ ବଛର୍ ବୟସ୍‌ତକ୍ ଟୁକେଲ୍ ଛୁଆମାନ୍‌କୁ ଗୁଟେ ଡୋଜ୍ ଟୀକା ଦିଆଯିବା । ଇଥିର୍‌ଲାଗି ଗୁଟେ ସ୍ୱତନ୍ତ୍ର ମାର୍ଗଦର୍ଶିକା ତିଆର୍ କରାଯାଇଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍‌ର ଗୁଟେ ରିପୋର୍ଟ ଅନ୍‌ସାରେ  ଦେଶର୍ ୩ ଭାଗ୍‌ନୁ ଭାଗେ ମହିଳା ଜରାୟୁ କର୍କଟ ରୋଗ୍‌ଥି ପିଡ଼ିତ ଅଛନ୍ । ଫି' ବଛର୍ ପାଖାପାଖି ୮୦ ହଜାର୍‌ନୁ ଅଏତ୍‌କା ନୂଆଁ ମାମ୍‌ଲା ସାମ୍ନାକେ ଆସୁଛେ । ସେଥିର୍‌ଭିତ୍‌ରୁ ୪୨ ହଜାର୍‌ନୁ ଅଏତ୍‌କା

ଆକ୍ରାନ୍ତଙ୍କର୍ ଜୀବନ୍ ଯାଉଛେ । ଠିକ୍ ସମିଆଥି ଚିକିତ୍ସା କଲେ ଇ ରୋଗ୍ର ଭିଲ୍ ଉପଚାର୍ ହେଇପାର୍ବା । ଇତାକେ ନଜର୍ଥି ରଖିକରି କେନ୍ଦ୍ର ସର୍କାର୍ ସାରା ଦେଶେ ଜରାୟୁ କର୍କଟ ନିରାକରଣ୍ ଟୀକାକରଣ୍ ଅଭିଯାନ୍ର ଶୁଭାରମ୍ଭ କର୍ବାର୍କେ ଯାଉଛନ୍ ।

ଅମିତ୍ ଶାହା- କଟକ୍ ଗସ୍ତ ଆର୍ଏନ୍ୟୁ/ କଟକ୍

କଟକ୍ ମୁଣ୍ଡୁଲି ଠାନେ ଥିବା ଖାରବେଳ ଅଂଚଳିକ ତାଲିମ୍ କେନ୍ଦ୍ର ନ କେନ୍ଦ୍ରୀୟ ଶିଳ୍ପ ନିରାପତା ବାହିନୀ ସିଆଇଏସ୍ଏଫ୍ର ଥାପ୍ନା ଦିବସ୍ ମାର୍ଚ୍ଚ ୭ ତାରିଖ୍ ଦିନ ପାଲନ୍ କରାଯିବା । ଇ ଅବ୍ସରେ ହେବାର୍କେ ଥିବା କାର୍ଯ୍ୟକ୍ରମ୍ଥି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ସମାରୋହଥି ସିଆଇଏସ୍ଏଫ୍ର ପରେଡ୍ଥି ସ୍ୱରାଷ୍ଟ୍ରମନ୍ତ୍ରୀ ଅଭିବାଦନ୍ ଗ୍ରହଣ୍ କର୍ବେ । ତାର୍ଉତ୍ରୁ ସିଆଇଏସ୍ଏଫ୍ ତର୍ଫୁ ଅଗ୍ନିକାଣ୍ଡ ଆଉ ପ୍ରାକୃତିକ ବିପର୍ଯ୍ୟୟ ସମିଆଥି ଅଗ୍ନିଶମ ଟିମ୍ ଆଉ ଉଦ୍ଧାର୍କାରୀଦଲ୍ ସହେତେ କେନ୍ତାକରି ବିପଦ୍ର ମୁକାବିଲା କରାଯାଏସି ତାର୍ ଡେମୋ ପ୍ରଦର୍ଶନ୍ କରାଯିବା ।

କେନ୍ଦ୍ରମନ୍ତ୍ରୀ-ଓଡ଼ିଶା ଗସ୍ତ ହି.ସ.

ଓଡ଼ିଶା ଗସ୍ତଥି ଆସିଥିବା କେନ୍ଦ୍ର ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ଆଏଜ୍ ଭୁବ୍‌ନେଶ୍ୱର୍ ନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୌଜନ୍ୟମୂଲକ୍ ସାକ୍ଷାତ୍ କରିଛନ୍ । ଇ ଅବ୍‌ସରେ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର ଭିନ୍ ଭିନ୍ ପ୍ରସଙ୍ଗ ବାବ୍‌ଦେ ଆଲୋଚନା କରାଯାଇଥିଲା । ରାଜ୍ୟ ସର୍‌କାର୍‌ଙ୍କର୍ ବହୁତ୍‌ଟେ ଜନକଲ୍ୟାଣ୍‌କାରୀ ଉଦ୍ୟମ୍ ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କେନ୍ଦ୍ରମନ୍ତ୍ରୀଙ୍କୁ ଜନେଇଛନ୍ ।

ଏନ୍‌ଏଚ୍‌ଆର୍‌ସି ଅଧିକାରୀ-ଓଡ଼ିଶା ଗସ୍ତ ଖୋର୍ଦ୍ଧା ସମ୍ବାଦଦାତା

ଓଡ଼ିଶା ଗସ୍ତଥି ଆସିଥିବା ଜାତୀୟ ମାନବାଧିକାର୍ ଆୟୋଗ୍‌ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ୍ ବାଲ୍‌କ୍ରିଷ୍ଣା ଗୋୟଲ୍ ଆଏଜ୍ ଭୁବ୍‌ନେଶ୍ୱର୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ସିଆର୍‌ପି ଅଂଚଲ୍ ନ ଗୁଟେ ସୁଲଭ ମୂଲ୍ୟ କେନ୍ଦ୍ରକେ ଯାଇକରି ସେନ ଦିଆଯାଉଥିବା ସଧାରଣ ବଂଟନ୍ କାମ୍‌ର ତଦାରଖ୍ କରିକରି ହିତାଧିକାରୀମାନ୍‌କର୍ ସଙ୍ଗେ ଭିଲ୍ ଆଲୋଚନା

କରିଥିଲେ । ତାର୍ ଉତ୍‌ରୁ ଖଣ୍ଡଗିରି ସୁଭଦ୍ରା ମହତାବ୍ ସ୍ୱତନ୍ତ୍ର ପୋଷ୍ୟସନ୍ତାନ କେନ୍ଦ୍ରକେ ଯାଇକରି ସେ ସମୀକ୍ଷା କରିଥିଲେ ।

ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତିମନ୍‌ତି ହି.ସ.

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତିମନ୍‌ତି ଆଏବା ମାସର୍ ପହେଲା ହପ୍ତା ନ କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଇ ବାବ୍‌ଦେ ଛତିଶା ନିଯୋଗ୍ ସଙ୍ଗେ ଆଲୋଚନା ଶେଷ୍ ହେଇଛେ ଆଉ ଖୋବ୍ ଜଲ୍‌ଦି ଗନ୍‌ତିମନ୍‌ତି ଲାଗି ସମିଆ ଧାରିଜ୍ କରାଯିବା । ଶ୍ରୀମନ୍ଦିର୍ ପରିଚାଲନା କମିଟି ଆଉ ଶ୍ରୀମନ୍ଦିର୍ ପ୍ରଶାସନ୍‌କେ ଇଥିର୍‌ଲାଗି ଦାୟିତ୍ୱ ଦିଆଯାଇଛେ । ମାହାପୁରୁଙ୍କର ନୀତିକାନ୍ତି ଅନ୍‌ସାରେ ଠିକ୍ ସମିଆ ଧାରିଜ୍ କରାଯାଇକରି ତାରିଖ୍ ଘୋଷ୍‌ନା କରାଯିବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ସହରୀକରଣ ପାଣ୍ଠି ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ବିକାଶ୍ ଯାତ୍ରାକେ ଗୁଟେ ନୂଆଁ ଦିଗ୍ ଦେବାର୍ ଲାଗି ରାଜ୍ୟ ସର୍କାର୍ ୨୦୨୬-୨୭ ବଜେଟ୍‌ଥି ଗ୍ରାମୀଣ- ସହରୀ ରୂପାନ୍ତରଣ କାର୍ଯ୍ୟକ୍ରମ୍ ଲାଗି ୨ ଶହ କୋଟି ଟଙ୍କାର୍ ସ୍ୱତନ୍ତ୍ର ପାଣ୍ଠି ଘୋଷ୍‌ନା କରିଛନ୍ । ଇ କାର୍ଯ୍ୟକ୍ରମ୍ ଜରିଏ ଜୋର୍‌ଥି ବଢ଼ି ଚାଲିଥିବା ପଂଚାୟତ୍ ଆଉ ସହର୍ ପାଖର୍ ଇଲାକାମାନ୍‌କୁ ଗୁଟେ ନୂଆଁ ରୂପ୍ ମିଲିପାର୍‌ବା ବଲି ଆଶ୍ କରାଯାଉଛେ । ଇ ବାବ୍‌ଦେ ଗୃହ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍, ଓଡ଼ିଶା ଆଏଜ୍ ସହରୀକରଣ୍‌ର ଗୁଟେ ନିର୍ଣ୍ଣାୟକ୍ ଖେପ୍‌ଥି ପୁହୁଁଚିଛେ । ଇ ସମିଆଥି ୨ଶହ କୋଟି ଟଙ୍କାର୍ ଇ ପାଣ୍ଠି ଇଛ୍‌ନିର୍ ସମିଆର୍ ଯୋଜ୍‌ନାର୍ ମୂଲକ୍ ପଦକ୍ଷେପ୍ ସୁଗଂଠିତ୍ ଆଉ ପ୍ରଗତିଶୀଳ ଓଡ଼ିଶା ଲାଗି ନିହି ପକାବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ଧାନ୍‌ଘିନା- ଟୋକନ୍ ଅବଧି ଏକ୍ସ

ଟୋକନ୍ ସମିଆ ଶେଷ୍ ହେଇଗଲା ଉତ୍‌ରୁ ଚାଷୀମାନ୍‌କୁ ଧାନ୍ ବିକ୍‌ବାର୍ ଲାଗି ଆଉ ୧୫ ଦିନ୍ ଅଏତ୍‌କା ସମିଆ ଦିଆଯିବା

ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ରାଏଜେ ମାର୍ଚ୍ଚ ୩୧ ତାରିଖ୍ତକ୍ ଧାନ୍ ଘିନା ପ୍ରକ୍ରିୟା ଚାଲ୍ବା । କେନ୍ସି ଭିଲ୍ କାରଣ୍ନୁ ଧାନ୍ ବିକ୍ବାର୍ଥି ସମସ୍ୟା ଦେଖାଦେଲେ କି ଡେରି ହେଲେ ଚାଷୀମାନ୍କୁ ଚିନ୍ତା କର୍ବାର୍ ଦର୍କାର୍ ନାଇଁନ । ଇଥିର୍ଲାଗି ତାଙ୍କୁ ଅଏତ୍କା ୧୫ ଦିନ୍ ସମିଆ ମିଲ୍ବା । ଚାଷୀମାନ୍କର୍ ସମସ୍ୟାକେ ଦେଖିକରି ଜିଲ୍ଲାପାଲ୍ମାନେ ଟୋକନ୍ ସମିଆ ଆଉ ୧୫ ଦିନ୍ ଅଏତ୍କା ବଢ଼େଇପାର୍ବେ ବଲି ଯୋଗାଣ ମନ୍ତ୍ରୀ କହିଛନ୍ ।

ଲୁଇସିଂହା- ଏନ୍ଏସି କାର୍ଯ୍ୟାଲୟ ଏକ୍ସ

ନୂଆଁକରି ଘୋଷିତ୍ ହେଇଥିବା ଲୁଇସିଂହା ବିଜ୍ଞପିତ ଅଂଚଳ ପରିଷଦ୍ର ଅସ୍ଥାୟୀ କାର୍ଯ୍ୟାଲୟ ଆଏଜ୍ ଶୁଭାରମ୍ଭ ହେଇଛେ । ସ୍ୱାସ୍ଥ୍ୟମନ୍ତ୍ରୀ ଆଉ ଲୋଇସିଂହା ବିଧାୟକ୍ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇ କାର୍ଯ୍ୟାଲୟର୍ ଆଭାସୀ ଜରିଏ ଶୁଭାରମ୍ଭ କରିଛନ୍ । ଇ କାର୍ଯ୍ୟାଲୟ ଉଦ୍ଘାଟନ୍ ସାଙ୍ଗେ ଲୁଇସିଂହାବାସୀଙ୍କର୍ ବହୁତ୍ ଦିନର୍ ସପନ୍ ପୁରା ହେବାର୍

ସହେତେ ଇଲାକାର୍ ବିକାଶ୍‌କେ ତୁରତି କର୍‌ବାର୍ ଦିଗେ ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଁଟା ସାଜ୍‌ବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ । ସୂଚ୍‌ନା ଅନ୍‌ସାରେ କିଛି ଦିନ୍ ଆଘୋନୁ ରାଜ୍ୟ ସର୍‌କାର୍ ଲୁଇସିଂହାକେ ଏନ୍‌ଏସି କର୍‌ବାର୍‌କେ ଘୋଷନା କରିଥିଲେ ।

ଯୁବ ସଂସଦ୍ କାର୍ଯ୍ୟକ୍ରମ ବର୍‌ଗଡ୍ ସମ୍ବାଦଦାତା

ମେରା ଯୁବା ଭାରତ୍ ବର୍‌ଗଡ୍ ଶାଖା ତର୍‌ଫୁ ବର୍‌ଗଡ୍ ପଂଚାୟତ୍ କଲେଜ୍ ପରିସର୍ ନ ବିକଶିତ ଭାରତ୍ ଯୁବ ସଂସଦ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀ ମାନେ 'ଭାରତ୍‌ର ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ- ଗଣତନ୍ତ୍ର ପାଇଁ ଏକ ଶିକ୍ଷା' ବିଷୟବସ୍ତୁ ଉପ୍‌ରେ ନିଜ ନିଜର୍ ମତାମତ୍ ଉପସ୍ଥାପନ୍ କରିଥିଲେ । ଜାତୀୟ ଆଲୋଚନାଥି ଯୁବ ସ୍ୱର ଆଉ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ଯୁଆନ୍ ପିଢ଼ିର୍ ଭାଗିଦାରୀ, ନୀତିଗତ ଆଲୋଚନାକେ ତହଁକାବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ମୁଖ୍ୟ ଉଦ୍ଦେଶ୍ୟ ଆଏ ।

ନିଯୁକ୍ତି ମେଳା         କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭାବାନୀପାଟ୍ନା ସର୍କାରୀ ଶିଳ୍ପ ତାଲିମ୍ କେନ୍ଦ୍ର ନ ଗଲାକାଏଲ୍ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜନ୍ କରାଯାଇଥିଲା । ମେଳାକେ ସାଂସଦ୍ ମାଳବିକା ଦେବୀ ଉଦ୍‌ଘାଟନ୍ କରିଥିଲେ । ନିଯୁକ୍ତି ମେଳାଥି ୧୮ ଟା ନିଯୁକ୍ତିଦାତା କମ୍ପାନୀ ଆଉ ୯ ଟା ପ୍ରଶିକ୍ଷଣ ସଂସ୍ଥା ଯୋଗ୍ ଦେଇଥିଲେ । ଇଥି ଜିଲ୍ଲାର୍ ଭିନ୍ ଭିନ୍ ବ୍ଲକ୍‌ନୁ ୧ ହଜାର୍ ୨ ଶହ ୫୪ ଝନ୍ ଛାତ୍ରଛାତ୍ରୀ ଆଉ ନିଯୁକ୍ତି ଆଶାୟୀ ଭାଗ ନେଇଥିଲେ । ସେଥିର୍‌ଭିତ୍‌ରୁ ୫ ଶହ ୬୨ ଝନ୍ ନିଯୁକ୍ତି ଲାଗି ଆଉ ୪ ଶହ ୧୨ ଝନ୍‌କୁ ପ୍ରଶିକ୍ଷଣ୍ ଲାଗି ବଛାଯାଇଥିଲା ।

ଇ-ସମନ୍ ତାଲିମ୍ ଶିବିର୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପୁଲିସ୍ ତର୍‌ଫୁ ଇ-ସମନ୍ ଆବେଦନ୍ ପ୍ରକ୍ରିୟା ଲାଗୁ କର୍‌ବାର୍ ଲାଗି ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ଶିବିର୍‌ଥି ନୂଆପଡ଼ା ଆରକ୍ଷୀ ଅଧିକ୍ଷକ୍ ଅମୃତ୍ ପାଲ୍ ସିଂ ଅଧ୍ୟକ୍ଷତା କରିକରି ରାଜ୍ୟ ଅପରାଧ୍ ରେକର୍ଡ଼ ବ୍ୟୁରୋ ଆଉ

ଜାତୀୟ ସୂଚନା କେନ୍ଦ୍ରର୍ ମିଲିତ୍ ସହଯୋଗ୍‌ଥି ପୁଲିସ୍ ସେବାକେ ଆହୁରି ଅତ୍ୟାଧୁନିକ୍ ଆଉ ବର୍‌କସ୍ କର୍‌ବାର୍ ସହେତେ ଫଟିକ୍ ବ୍ୟବସ୍ଥା ଲାଗି ଇ ଅଭିଯାନ୍ ମୁଲ୍ ହେଇଛେ ବଲି କହିଛନ୍ ।

ଯୁବ ସଂସଦ କାର୍ଯ୍ୟକ୍ରମ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂ ଶାସିତ ମହାବିଦ୍ୟାଲୟ ନ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ୨ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ ଯୋଗ୍ ଦେଇକରି 'ଭାରତ୍‌ର ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ- ଗଣତନ୍ତ୍ର ପାଇଁ ଏକ ଶିକ୍ଷା' ବିଷୟବସ୍ତୁ ଉପ୍‌ରେ ନିଜ ନିଜର୍ ମତାମତ୍ ଉପସ୍ଥାପନ୍ କରିଥିଲେ । ଇ କାର୍ଯ୍ୟକ୍ରମ୍‌ଥି ଶ୍ରେଷ୍ଠ ୧୦ ଝନ୍ ସ୍ୱେଚ୍ଛାସେବୀ ବଛା ହେଇକରି ଓଡ଼ିଶା ବିଧାନ୍‌ସଭା ନ ଜିଲ୍ଲାର୍ ପ୍ରତିନିଧିତ୍ୱ କର୍‌ବେ ।

ମହିଳା ଉଦ୍ୟୋଗୀ-କର୍ମଶାଳା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍ ହଲ୍ ପରିସର୍ ନ ଜିଲ୍ଲା ସମାଜ୍ ମଙ୍ଗଳ କାର୍ଯ୍ୟାଳୟ ତର୍ଫୁ ମହିଳା ଉଦ୍ୟୋଗୀମାନ୍କର୍ ଲାଗି ଗୁଟେ ଦିନ୍କିଆ କର୍ମଶାଳା ହେଇଯାଇଛେ । ଡିଜିଟାଲ୍ କୌଶଲ୍, ଆଇନ୍ଗତ ଅଧିକାର୍ ଆଉ ସଚେତନତା, ମହିଳା ଉଦ୍ୟୋଗୀମାନ୍କର୍ ଲାଗି ବଜାର୍ ସୁଯୋଗ୍, ଆର୍ଥିକ୍ ସାକ୍ଷରତା ଆଉ ସଶକ୍ତିକରଣ୍ ବାବ୍ଦେ ଅତିଥିମାନେ ଇ ଅବ୍ସରେ ମହିଳା ଉଦ୍ୟୋଗୀମାନ୍କୁ ସଚେତନ୍ କରିଥିଲେ । କର୍ମଶାଳାଥି ଅତିରିକ୍ତ ଉନ୍ନୟନ ଆଉ ନିର୍ବାହୀ ଅଧିକାରୀ ଚାର୍ଲସ୍ ନାୟକ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହିଳା ଉଦ୍ୟୋଗୀମାନ୍କର୍ ସଶକ୍ତିକରଣ୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍କାର୍ ନଉଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍ଦେ ଆଲୋଚନା କରିଥିଲେ ।

କରାଟେ ପ୍ରତିଯୋଗିତା ଆର୍ଏନ୍ୟୁ/ କଟକ୍

ଦିଲ୍ଲୀର୍ ତାର୍କୋଟରା ଇନ୍ଡୋର୍ ଷ୍ଟାଡ଼ିୟମ୍ ନ କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍ - କିଓ ତର୍ଫୁ ଆଏବା କାଏଲ୍ଠାନୁ ଜାତୀୟ ବରିଷ୍ଠ ଆଉ ୨୧ ବଛର୍ନୁ କମ୍ ବର୍ଗଥି କରାଟେ

ପ୍ରତିଯୋଗିତା ମୁଲ୍ ହେବା । ପ୍ରତିଯୋଗିତା ମାର୍ଚ୍ଚ ୧ ତାରିଖ୍‌ତକ୍ ଚାଲ୍‌ବା । ଇଥି ଭାଗ୍ ନେବାର୍ ଲାଗି ଓଡ଼ିଶାର୍ ୩୧ ଝନିଆ ଗୁଟେ ଦଲ୍ ଦିଲ୍ଲୀ ଯାଇଛନ୍ । ସେଥିର୍‌ଭିତ୍‌ରେ ୧୬ ଝନ୍ ପୁରୁଷ ଆଉ ୧୫ ଝନ୍ ମହିଳା ଖେଲାଲି ଭିନ୍ ଭିନ୍ ବର୍ଗଥି ପ୍ରତିଦ୍ୱନ୍ଦିତା କର୍‌ବେ । ସେମାନ୍‌କର୍ ଭିତ୍‌ରେ ବହୁତ୍‌ଟେ ଜାତୀୟ ଆଉ ଅନ୍ତର୍ଜାତୀୟ ପଦକ୍ ବିଜେତା ଖେଲାଲି ଅଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ସମୁଦ୍ରଖଁଡ଼ି ଆଉ ତାର୍ ପାଖର୍ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବହୁତ୍‌ଟେ ଜାଗା ନ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍‌ସହେତେ ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମ୍ ହେଇପାରେ ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ ।